Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R. Mohanty
Nodal Officer

**ସପ୍ତାହ –୨୯**

ନ.- ୬୫୮ (ଓଡିଆ ବୁଲେଟିନ)
ତାରିଖ-୧୮. ୦୭ . ୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଳ୍ପ ବର୍ଷା ଏବଂ ଜଗତସିଙ୍ଘପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୫ ରୁ ୨୨ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨ ରୁ ୩୩ ଡିଗ୍ରୀ ସେଲସିଅସ ଓ ୨୪ ରୁ ୨୮ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ ସୂଚନା

- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଳ୍ପ ବର୍ଷା ଏବଂ ଜଗତସିଙ୍ଘପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ଖାଲୁଆ ଜମିରେ, ଧାନ ଯଦି ୨୧ ଦିନ ର ହୋଇ ଯାଇଥାଏ, ତେବେ ମୁଖ୍ୟ ଜମି ରେ ପ୍ରତିରୋପଣ କରିଦିଅନ୍ତୁ।
- ମୁଖ୍ୟ ଜମିରେ ପ୍ରଥମ ଥର କାଦୁଅ କରିବା ସମୟ ରେ ଧଣିଚା ଗଛ କୁ ଭଲ ଭାବ ରେ ମିଶାଇ ଦିଅନ୍ତୁ ।
- ଧାନ ମୁଖ୍ୟ ଜମି ରେ କାଦୁଅ କରିବା ପାଇଁ ଓ ତାଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣି କୁ ବାନ୍ଧି ରଖନ୍ତୁ ।
- ମକା ଓ ନଳିତା ରେ ବର୍ଷା ଛାଡିଲା ପରେ ଯାବକ୍ଷାରଜନ (ଶୀର୍ଷ ସାର) ପ୍ରୟୋଗ କରନ୍ତୁ ।
- ମାଟିର ଆଦ୍ରତାର ସଦୁପଯୋଗ ପାଇଁ ଅଣ ଧାନ ଫସଲ ଯଥା ଚିନାବାଦାମ, ହରଡ, ଜଡା, ମୁଗ, ବିରି ଓ ରାଶି ଇତ୍ୟାଦି ଫସଲ ଲଗାନ୍ତୁ ।
- ଚିନା ବାଦାମ ଫସଲରେ ମଞ୍ଜି ବୁଣିବାର ବୁଣିବାର ୨୦ ରୁ ୨୫ ଦିନ ହୋଇ ଯାଇଥିଲେ ଓହଳ ର ଭଲ ଅଭିବୃଦ୍ଧି ପାଇଁ ଜମିକୁ କୋଡାଖୁସା କରି ହୁଡା ଟେକି ଦିଅନ୍ତୁ ।
- ଜୁଲାଇ ମାସ ଶେଷ ସୁଦ୍ଧା ତଳିଘେରା ରେ ଧାନ ତଳି ପକାଇବା କାମ ସମ୍ପୂର୍ଣ କରିଦେବା ଦରକାର ।
- ଦସ୍ତା ଅଭାବ ଥିବା ଜମିରେ ଏକର ପିଛା ୧୦ କେଜି ଜିଙ୍କ ସଲଫେଟ କିମ୍ବା ୬ କେଜି ଜିଙ୍କ EDTA ( ୨ ବର୍ଷ କୁ ଥରେ) ଶେଷ ଓଡ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ଚାରା ଅବସ୍ଥା | ❖ ରୁଆ ଧାନ:<br>ରୁଆ ଧାନ ରେ ମୂଳସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଗ୍ରା ଡିଏପି ୩୦ କିଗ୍ରା ପଟାସ ଏବଂ ୮ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ ।ବାଲିଆ ଜମି ହୋଇଥିଲେ ଏକର ପ୍ରତି ୩୫ କିଲୋଗ୍ରାମ, ୧୫ କିଲୋଗ୍ରାମ ମୁରେଟ ଅଫ ପଟାସ ଏବଂ ୮ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ୨୦ ରୁ ୨୫ ଦିନର ତଳିକୁ ଧାଡି କୁ ଧାଡି ୨୦ ସେମି ଏବଂ ଗଛ କୁ ଗଛ ୧୫ ସେମି ବ୍ୟବଧାନ ରଖି ବୁଦା ପ୍ରତି ୨-୩ ଟି ତାଳି ଲଗାନ୍ତୁ ।ଧାନ ରୋଇବାର ୩ ଦିନ ମଧ୍ୟରେ Pretilachlor ନାମକ ଘାସମରା ଔଷଧ, ଏକର ପ୍ରତି ୮୦୦ ମିଲି କିମ୍ବା Oxadiargyl ନାମକ ଘାସମରା ଔଷଧ ଏକର ପ୍ରତି ୩୦ ଗ୍ରାମ କିମ୍ବା Pyrazosulfuran Ethyl ଘାସମରା ଔଷଧ ଏକର ପ୍ରତି ୮୦ ଗ୍ରାମ ପ୍ରୟୋଗ କରନ୍ତୁ ।ମନେରଖନ୍ତୁ ଘାସମରା ଔଷଧ କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ୨୦ କେଜି ବାଲିରେ ମିଶାଇ ସମାନ ଭାବରେ ଜମିରେ ପ୍ରୟୋଗ କରନ୍ତୁ ।ସର୍ବଦା ଘାସମରା ଔଷଧ କୁ ସଫା ପାଣିରେ ମିଶାଇ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟାର ରେ ସିଞ୍ଚନ କରନ୍ତୁ । |
| ମୁଗ ଓ ବିରି | ବିହନ ବୁଣିବା ଅବସ୍ଥା | ❖ ଏକ ଏକର ମୁଗ ମୁଗ କିମ୍ବା ବିରି ଚାଷ ପାଇଁ ୧୦ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ । ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଲୋଗ୍ରାମ ମଞ୍ଜିରେ ୨ ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ ବିଶୋଧିତ ବିହନ କୁ ରାଇଜୋବିଅମ ବୀଜାଣୁ କଲଚର ଉପଚାର କରି ବୁଣନ୍ତୁ । ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୨ ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କିଲୋଗ୍ରାମ ଡିଏପି ୧୩ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ ୪ କିଲୋଗ୍ରାମ ୟୁରିଆ ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ । ଧାଡି କୁ ଧାଡି ୨୫ ସେମି ଏବଂ ଗଛ କୁ ଗଛ ୧୦ ସେମି ବ୍ୟବଧାନ ରଖି ଧାଡିରେ ବିହନ ବୁଣନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଦହିଆ ବା ଚୂର୍ଣ୍ଣପୃଷ୍ଠ କୀଟ<br>ଆଖୁ ଫସଲ ରେ ଦହିଆ ବା ଚୂର୍ଣ୍ଣପୃଷ୍ଠ କୀଟ ର ପରିଚାଳନା ପାଇଁ ଏକର ପ୍ରତି ୬୦-ମି.ଲି Imidacloprid ନାମକ କୀଟନାଶକ କିମ୍ବା ୪୦- ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୪୦୦-ମିଲି Profenophos ନାମକ କୀଟନାଶକ ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ବାଇଗଣ | ଲଗାଇବା ଅବସ୍ଥା | ❖ ଯେଉଁ ଚାଷୀ ଭାଇ ମାନେ ବାଇଗଣ ଚାରା ମୁଖ୍ୟ ଜମିରେ ରୋପଣ କରି ସାରିଛନ୍ତି କୋଡା ଖୋସା ପରେ ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ ।ବଳକା ୩୦ କିଲୋଗ୍ରାମ ୟୁରିଆ କୁ ଶୀର୍ଷ ସାର ରୂପେ ଚାରା ଲଗାଇବାର ୪୫ ଦିନ ପରେ ପ୍ରୟୋଗ କରନ୍ତୁ । |

| | | |
|---|---|---|
| ପନିପରିବା<br><br>(ଭେଣ୍ଡି, କଖାରୁ , କଲରା, ଜହ୍ନି ଓ କାକୁଡି) | ଫୁଲ ଓ ଫଳ ଧରିବା ଅବସ୍ଥା | ❖ ବର୍ତମାନ ସମୟରେ ବିଭିର୍ଣ୍ଣ ପନିପରିବାରେ ସାହେବୀ ରୋଗ ହେବାର ସମ୍ଭାବନା ଅଛି । ଏହା ଏକ ଭୂତାଣୁ ଜନିତ ରୋଗ ଯାହାକି ଧଳାମାଛି ଓ ଅନ୍ୟ ଶୋଷକ କୀଟ ଗୁଡିକ ଦ୍ୱାରା ବ୍ୟାପିଥାଏ।<br>❖ ଏହି ରୋଗକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ Imidacloprid ସହ ବିହନ ବିଶୋଧନ ନିହାତି ଜରୁରୀ । ଏହି ରୋଗର ବାହକ ଗୁଡିକ ପରିଚାଳନା ପାଇଁ ମଞ୍ଜି ଗଜା ହେବାର ୧୦-୧୨ ଦିନ ପରେ ଏକର ପ୍ରତି ୮-୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ।<br>❖ ପ୍ରାଥମିକ ଅବସ୍ଥାରେ ମଞ୍ଜି ଗଜା ହେବାର ୧୫ ଦିନ ପରେ ଏକର ପ୍ରତି ୬୦୦-ମି.ଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractin କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>❖ ପୋକ ଆକ୍ରମଣ ଅଧିକ ହେଲେ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ଆମ୍ବ | ଲଗାଇବା ଅବସ୍ଥା | ❖ ଜୁଲାଇ ଓ ଅଗଷ୍ଟ ହେଉଛି ଆମ୍ବ ଲଗାଇବାର ଉପଯୁକ୍ତ ସମୟ । ବାଇଗଣପଲ୍ଲୀ, ତୋତାପରୀ, ବୋମ୍ବେ ଗ୍ରୀନ୍, ସୁବର୍ଣ୍ଣରେଖା, ନୀଲମ୍. ହିମସାଗର, ଲାଙ୍ଗ୍ରା, ଦଶେରୀ, କିଶାନଭୋଗ, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମଖେଳ, ରୁମାନି, ସିନ୍ଧୁ, ଆଲଫାନସୋ ଓ କେଶର ଇତ୍ୟାଦି କିସମ ଲଗାନ୍ତୁ । ଶାଖା ନଥିବା କଲମି ଚରା କୁ ୧ x ୧ x ୧ମିଟର ଗାତ ରେ ୧୦ x ୧୦ମିଟର ବ୍ୟବଧାନ ରେ ରୋପଣ କରନ୍ତୁ । ଗଛ ଲଗାଇବା ପୂର୍ବ ରୁ ଯାବକ୍ଷାରଜନ : ଫସଫରସ: ପୋଟାସ ସାର କୁ ୮୦ :୧୦୦:୬୦ ଗ୍ରାମ ଅନୁପାତ ରେ ଓ ୨ ଝୁଡି ଶଢା ଗୋବର ଖତ କୁ ଗାତ ପ୍ରତି ପ୍ରୟୋଗ କରନ୍ତୁ । |
| କନ୍ଦମୂଳ | ଲଗାଇବା ଅବସ୍ଥା | ❖ ଜୁନ୍ ଓ ଜୁଲାଇ ମାସରେ କନ୍ଦମୂଳ ଫସଲ ଲଗାଇବା ପାଇଁ ଉପଯୁକ୍ତ । ଗୌରୀ, ଭୁବନ ଶଙ୍ଖ, ପୁଷା ସଫେଦ ଏବଂ ସମ୍ରାଟ ଆଦି କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ । କନ୍ଦମୂଳ ଡଙ୍କ ସାଧାରଣତଃ ବିହନ ଆକାରରେ ଲଗାଯାଏ । 60 ସେମି ବ୍ୟବଧାନରେ ହୁଡା ଟେକି 100 ରୁ 125 ଗାମ୍ ଓଜନର ସୁସ୍ଥ ସବଳ କନ୍ଦମୂଳ 25 ସେମି ବ୍ୟବଧାନରେ ଲଗାନ୍ତୁ । 40 ରୁ 45 ଦିନରେ ତଳିଘେରାରୁ 20 ରୁ 30 ସେମି ଲମ୍ବର ସୁସ୍ଥ ସବଳ ଡଙ୍କ କାଟି ମୂଖ୍ୟ କିଆରିରେ ଲଗାନ୍ତୁ । |
| କଦଳୀ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ <u>ପାନାମା ଝାଉଂଳା ରୋଗ</u><br>ପାନାମା ଝାଉଂଳା ରୋଗ ନିୟନ୍ତ୍ରଣ କରିବା ପାଇଁ ରୋଗ ବିହୀନ ପୁଆ ଯଥା ବନ୍ତଳ, କାବୁଲି, ରୋବଷ୍ଟା, ଚମ୍ପା ଆଦି କିସମ ଚୟନ କରନ୍ତୁ । ପ୍ରତି ୧୦ ଲିଟର ପାଣିରେ୧୦-ଗ୍ରାମ କାରବେନଡାଜିମ (Carbendazim) ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣ ରେ ପୁଆ ଗୁଡିକୁ ବୁଡାଇ ବିଶୋଧନ କରନ୍ତୁ। ପୁଆ ରୋଇବାର ୫ମାସ ପରେ ପ୍ରତି ୨ମାସ ରେ ଥରେ ପ୍ରତି ୧୦ ଲିଟର ପାଣିରେ୧୦-ଗ୍ରାମ ହିସାବରେ କରବେନଡାଜିମ (Carbendazim) ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣ ଗଛ ମୂଳ ମାଟି କୁ ଭଲ ଭାବରେ ଭିଜାନ୍ତୁ। |
| ନଡିଆ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ <u>ଚକ୍ରାକାର ଧଳା ମାଛି</u><br>ପତ୍ର ଉପରୁ କଳା ରଙ୍ଗର କବକ କୁ ବାହାର କରିବା ପାଇଁ ପ୍ରତି ୧୦- ଲିଟର ପାଣି ରେ ୧୦୦-ଗ୍ରାମ ଷ୍ଟାର୍ଚ ମିଶାଇ ଏହି ଦ୍ରବଣ କୁ ସିଞ୍ଚନ କରନ୍ତୁ । ଚକ୍ରାକାର ଧଳା ମାଛି ର ପରିଚାଳନା ପାଇଁ ଗଛ ରେ ହଳଦିଆ ଅଠାଳିଆ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ପୋକ ଗୁଡିକ ର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ Azardirachtin ୧୫୦୦ ପିପିଏମ ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ପ୍ରତି ୧୦- ଲିଟର ପାଣିରେ ୪-ମିଲି Spinosad ନାମକ କୀଟନାଶକ କିମ୍ବା ୪-ଗ୍ରାମ Emamectin Benzoate ନାମକ କୀଟନାଶକ ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । |

| | |
|---|---|
| ପଶୁ ସମ୍ପଦ | ❖ ଗୁହାଳ ଘର ଛାତ ନଷ୍ଟ ହେଇଯାଇଥିଲେ କିମ୍ବା ପାଣି ଗଳୁଥିଲେ ତୁରନ୍ତ ତାହାର ମରାମତି କରିଦିଅନ୍ତୁ ।<br>❖ ଗାଈଗୋରୁ ମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ ଏବଂ ସେମାନଙ୍କର ଟୀକାକରଣ ନିଶ୍ଚିତ କରାନ୍ତୁ । |
| କାର୍ପ ଜାତୀୟ ମାଛ ଚାଷ | ❖ ଶୀଘ୍ର ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ, ଭାକୁର ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ  ଅନୁପାତ ୪:୩:୩ ଭାଗ ରେ ଚାଷ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ ।<br>❖ ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫୦୦୦ ଅଙ୍ଗୁଳିଆ ଯାଆଁଳ ଛଡ଼ାଯାଏ। ମାଛ ମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡିଆ କୁଣ୍ଡା ସମାନ ଅନୁପାତ ରେ ମିଶାଇ, ଛାଡିବା ଯାଆଁଳ ଓଜନର ଶତକଡା ୫ ଭାଗ ଖାଇବାକୁ ଦିଆଯାଏ । ଗୋବର, ୟୁରିଆ ଓ ସୁପର ଫୋସଫେଟ ପୋଖରୀର ଉର୍ବରତା ପାଇଁ ପକାଯାଏ । |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି
ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଆଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)